# NATIONAL NEWS BULLETIN (ODIA)

**6 May - 2025**

**Morning Bulletin : 7.15 a.m.**

*******************************************************

## ମୁଖ୍ୟ ସମ୍ବାଦ

- ସିବିଆଇ ନିର୍ଦ୍ଦେଶକ ନିଯୁକ୍ତି ପାଇଁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ବୈଠକ ନୂଆଦିଲ୍ଲୀରେ ଅନୁଷ୍ଠିତ ।
- ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ କ୍ରିଷ୍ଣା ନଦୀ ଉପରେ ଏକ କାଚ ପୋଲ ନିର୍ମାଣ ଘୋଷଣା କଲେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ।
- ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ଜାତିସଂଘ ମହାସଚିବଙ୍କ ଦୃଢ଼ ନିନ୍ଦା ।
- ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦେଶର ବେସାମରିକ ସୁରକ୍ଷା ସଂସ୍ଥାର ପ୍ରସ୍ତୁତି ନେଇ ଆସନ୍ତାକାଲି ମକ୍‌ଡ୍ରିଲ୍ କରିବାକୁ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପରାମର୍ଶ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍ ଅମିମାଂଶିତ ଭାବେ ଶେଷ ।

## ସିବିଆଇ-ମିଟିଂ

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ – ସି.ବି.ଆଇ. ନିର୍ଦ୍ଦେଶକ ନିଯୁକ୍ତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ବୈଠକ ଗତକାଲି ଅନୁଷ୍ଠିତ ହୋଇଛି । ନୂଆଦିଲ୍ଲୀ ସ୍ଥିତ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ କମିଟିର ଅନ୍ୟ ଦୁଇ ସଦସ୍ୟ ପ୍ରଧାନ ବିଚାରପତି ଜଷ୍ଟିସ୍ ସଞ୍ଜିବ ଖାନ୍ନା ଏବଂ ଲୋକସଭା ବିରୋଧୀ ଦଳର ନେତା ରାହୁଲ ଗାନ୍ଧି ଯୋଗ ଦେଇଥିଲେ ।  ପରବର୍ତ୍ତି ସି.ବି.ଆଇ. ନିର୍ଦ୍ଦେଶକ ନିଯୁକ୍ତି ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । ବର୍ତ୍ତମାନର ନିର୍ଦ୍ଦେଶକ ପ୍ରବୀଣ ସୁଦଙ୍କ ଦୁଇ ବର୍ଷର କାର୍ଯ୍ୟକାଳ ଆସନ୍ତା ୨୫ ତାରିଖରେ ଶେଷ ହେବ ।

ସୂଚନା ଯୋଗ୍ୟ ସିବିଆଇ ନିର୍ଦ୍ଦେଶକ ନିଯୁକ୍ତି କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ତିନି ଜଣିଆ ନିଯୁକ୍ତି କମିଟିର ସୁପାରିଶ ଆଧାରରେ କରାଯାଇଥାଏ ।

## ଗଡ଼କରି-ତେଲଙ୍ଗାନା

ହାଇଦ୍ରାବାଦ୍ ବିଜୟୱାଡା ରାଜପଥକୁ ତିନି ମାସ ମଧ୍ୟରେ ୬ ଲେନ୍‌ରେ ପରିଣତ କରିବାକୁ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡ଼କରି ଘୋଷଣା କରିଛନ୍ତି । ଏଥିପାଇଁ ୧୦ ହଜାର କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ହାଇଦ୍ରାବାଦ୍‌ର ଆମ୍ବରପେଟ୍ ଠାରେ ଆୟୋଜିତ ଜନସଭାକୁ

ଗତ ସନ୍ଧ୍ୟାରେ ସମ୍ବୋଧନ କରି ଶ୍ରୀ ଗଡ଼କରୀ କହିଛନ୍ତି, ଆଗାମୀ ବର୍ଷ ଗୁଡ଼ିକରେ ତେଲଙ୍ଗନା ରାଜ୍ୟର ସଡ଼କ ଯୋଗାଯୋଗକୁ ଅଧିକ ବ୍ୟାପକ କରାଯିବ । ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ କ୍ରିଷ୍ଣା ନଦୀ ଉପରେ ଏକ କାଚ ପୋଲ ନିର୍ମାଣ କରିବାକୁ ମଧ୍ୟ ସେ ଘୋଷଣା କରିଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ଗଡ଼କରୀ ତେଲଙ୍ଗାନାରେ ୬ ହଜାର ୧୦୦ କୋଟି ଟଙ୍କାର ଏକାଧିକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ।

**V/O**

# ଜିତେନ୍ଦ୍ର ସିଂହ

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ରାଷ୍ଟ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ ଭାରତୀୟ ଗବେଷକଙ୍କ ପାଇଁ ଏକ ମୌଳିକ କୃତ୍ରିମ ବୁଦ୍ଧିମତା ଆର୍କିଟେକ୍‌ର ନିର୍ମାଣ ଉପରେ ଗୁରୁତ୍ୱ ଦେଇଛନ୍ତି । ନୂଆଦିଲ୍ଲୀରେ ଗତକାଲି ବିଭାଗୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି  ଏ.ଆଇ. ନେତୃତ୍ୱାଧୀନ ଉଦ୍ଭାବନ, ଡିପ୍‌ଟେକ୍ ଷ୍ଟାର୍ଟଅପ୍ ଏବଂ ଉନ୍ନତ ଭିତ୍ତିଭୂମି ଆଧାରିତ ବିଜ୍ଞାନ ଭିତ୍ତିକ ଅଭିବୃଦ୍ଧିରେ ନୂତନ ଦିଗ୍‌ଦର୍ଶନ ପାଇଁ ସେ ଆହ୍ୱାନ ଦେଇଛନ୍ତି । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଡକ୍ଟର ସିଂହ ନବଗଠିତ ଅନୁସନ୍ଧାନ ଜାତୀୟ ଗବେଷଣା ଫାଉଣ୍ଡେସନ୍ (ଏ.ଏନ୍.ଆର୍.ଏଫ୍.)ର ଭୂମିକା ଏବଂ ଜିଓ ସ୍ପେଶାଲ୍ ଇନିସିଏଟିଭ୍ ଭଳି ଜାତୀୟ ଅଭିଯାନ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏ.ଏନ୍.ଆର୍.ଏଫ୍. ମିଶନ୍ କାର୍ଯ୍ୟକାରିତା ନେଇ

ସଚେତନତା ସୃଷ୍ଟି ଉପରେ ଏହାର ନବନିଯୁକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫେସର ଅଜୟ କରଣ୍ଡିକରଙ୍କୁ ପରାମର୍ଶ ଦେଇଛନ୍ତି । ଏଥିପାଇଁ ବିଶ୍ୱବିଦ୍ୟାଳୟ କୂଳପତିମାନଙ୍କ ସହ ସମନ୍ୱୟ ରକ୍ଷା କରି ସହଯୋଗର ସୁଯୋଗ ସୃଷ୍ଟି କରିବାକୁ ଡକ୍ଟର ସିଂହ ଆହ୍ୱାନ ଦେଇଛନ୍ତି ।

# ୟୁଏନ୍ ଚିଫ୍-ଇଣ୍ଡୋ-ପାକ୍ ଟେନ୍‌ସନ୍

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ଜାତିସଂଘ ମହାସଂଚିବ ଆଣ୍ଟିନିଓ ଗୁଟେରସ୍ ଦୃଢ଼ ନିନ୍ଦା କରିଛନ୍ତି । ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସେ ଗଭୀର ସମବେଦନା ଜ୍ଞାପନ କରିଛନ୍ତି । ନିରିହ ଲୋକଙ୍କ ଉପରେ ଆକ୍ରମଣ ଗ୍ରହଣ ଯୋଗ୍ୟ ନୁହେଁ ଏବଂ ଏଥିରେ ସଂଶ୍ଳିଷ୍ଟଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍ ବୋଲି ସେ କହିଛନ୍ତି । ନ୍ୟୁୟର୍କର ଜାତିସଂଘ ମୁଖ୍ୟାଳୟ ଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧନ କରି ଶ୍ରୀ ଗୁଟେରସ୍ କହିଛନ୍ତି, ଭାରତ-ପାକିସ୍ତାନ ମଧ୍ୟରେ ସୃଷ୍ଟ ଉତ୍ତେଜନାକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ଜାତିସଂଘ ସୁରକ୍ଷା ପରିଷଦ ପକ୍ଷରୁ ଏକ ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଛି । ସେ କହିଛନ୍ତି, ଏହି ଦୁଇ ଦକ୍ଷିଣ ଏସୀୟ ପଡ଼ୋଶୀ ରାଷ୍ଟ୍ର ମଧ୍ୟରେ ଉତ୍ତେଜନା ଚଳିତ ବର୍ଷ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ତେବେ ଶାନ୍ତି ପ୍ରତିଷ୍ଠା ପାଇଁ ଜାତିସଂଘ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବ ବୋଲି ଶ୍ରୀ ଗୁଟେରସ୍ ପ୍ରତିଶ୍ରୁତି ଦେଇଛନ୍ତି ।

ସୂଚନା ଯୋଗ୍ୟ ପାକିସ୍ତାନ ୧୫ ଜଣିଆ ଜାତିସଂଘ ସୁରକ୍ଷା ପରିଷଦ ଗୋଷ୍ଠୀର ସଦସ୍ୟ ନୁହେଁ । ତେବେ ଏହି ରୁଦ୍ଧଦ୍ୱାର ବୈଠକ ପାଇଁ ପାକିସ୍ତାନ ପକ୍ଷରୁ ଅନୁରୋଧ କରାଯାଇଥିଲା ।

## ହୋମ୍-ସିଭିଲ୍ ଡିଫେନ୍ସ

ଦେଶର ବେସାମରିକ ସୁରକ୍ଷା ସଂସ୍ଥାର ପ୍ରସ୍ତୁତି ନେଇ ସମୀକ୍ଷା କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଗୁଡ଼ିକୁ ପରାମର୍ଶ ଦେଇଛି । ଏଥିପାଇଁ ଆସନ୍ତାକାଲି ମକ୍‌ଡ୍ରିଲ୍ କରିବାକୁ କୁହାଯାଇଛି । ଦେଶର ୨୪୪ଟି ଶ୍ରେଣୀଭୁକ୍ତ ବେସାମରିକ ସୁରକ୍ଷା ଜିଲ୍ଲାରେ ତୃଣମୂଳ ସ୍ତର ପର୍ଯ୍ୟନ୍ତ ଏହି ମକ୍‌ଡ୍ରିଲ୍ ଆୟୋଜନ କରିବାକୁ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି । ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ ଆଜି ଏ ନେଇ ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କ ସହ ବୈଠକରେ ଯୋଗଦେବେ । ଶତ୍ରୁ ପକ୍ଷ ଆକ୍ରମଣ ସମୟରେ ନାଗରିକ ସୁରକ୍ଷା ଦିଗ ଉପରେ ପଦକ୍ଷେପ ନେବା ସହ ସାଧାରଣ ଜନତା ଏବଂ ଛାତ୍ରଛାତ୍ରୀଙ୍କୁ ଏ ନେଇ ପ୍ରଶିକ୍ଷଣ ପ୍ରଦାନ କରିବା ଏହି ମକ୍‌ଡ୍ରିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ।

# ଇଣ୍ଡିଆ-କାନାଡ଼ା

କାନାଡ଼ାର ଟରେଣ୍ଟୋରେ ଆୟୋଜିତ ଏକ ର୍ୟାଲିରେ କାନାଡ଼ାର ପ୍ରବାସୀ ଭାରତୀୟଙ୍କ ବିରୋଧରେ ଧମକପୂର୍ଣ୍ଣ ଭାଷା ଏବଂ ବ୍ୟବହୃତ ଚିତ୍ରକୁ ନେଇ ଭାରତ ଗଭୀର ଉଦ୍‌ବେଗ ପ୍ରକାଶ କରିଛି । ନୂଆଦିଲ୍ଲୀ ସ୍ଥିତ କାନାଡ଼ା ଉଚାୟୁକ୍ତଙ୍କୁ ଏ ନେଇ କଠୋର ଶବ୍ଦରେ ଭାରତ ନିଜର ପ୍ରତିକ୍ରିୟା ପ୍ରକାଶ କରିଛି । ସେଠାରେ ଘୃଣା ପ୍ରସାର କରୁଥିବା ଏବଂ ଉଗ୍ରବାଦ ଓ ବିଚ୍ଛିନ୍ନତାବାଦୀ ଚିନ୍ତାଧାରାକୁ ସମର୍ଥନ କରୁଥିବା ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରତ କାନାଡ଼ା କର୍ତ୍ତୃପକ୍ଷଙ୍କୁ ଆହ୍ୱାନ ଦେଇଛି ।

ସୂଚନା ଯୋଗ୍ୟ ଗତ ରବିବାର ଦିନ ଟରେଣ୍ଟୋରେ ବାହାରିଥିବା ର୍ୟାଲିରେ ଭାରତର ବହୁ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କ ବିରୋଧରେ ଅପମାନ ସୂଚକ ଚିତ୍ର ଏବଂ ଧମକପୂର୍ଣ୍ଣ ଭାଷା ଆଧାରିତ ପ୍ଲାକାର୍ଡ୍‌ମାନ ପ୍ରଦର୍ଶନ କରାଯାଇଥିଲା ।

# ଇସ୍ରାଏଲ୍ ଷ୍ଟ୍ରାଇକ୍-ହୁତି

ୟେମେନ୍‌ର ଲୋହିତ ସାଗର ସହର ହୋଦେଇଦାରେ ହୁତି ବିଦ୍ରୋହୀଙ୍କ ଉପରେ ଇସ୍ରାଏଲ୍ ପକ୍ଷରୁ ଆକ୍ରମଣ କରାଯାଇଛି । ଇସ୍ରାଏଲ୍‌ର ମୁଖ୍ୟ ବିମାନ ବନ୍ଦରରେ ବିଦ୍ରୋହୀଙ୍କ ପକ୍ଷରୁ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଆକ୍ରମଣର ଗୋଟିଏ

ଦିନ ପରେ ଇସ୍ରାଏଲ୍ ସେନା ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ହୁତି ଗୁଣମାଧ୍ୟମ ରିପୋର୍ଟ ଅନୁଯାୟୀ ହୋଦେଇଦା ବନ୍ଦର ଏବଂ ବାଜିଲ ଜିଲ୍ଲା ସ୍ଥିତ ଏକ ସିମେଣ୍ଟ କାରଖାନା ତଥା ଅନ୍ୟାନ୍ୟ ସ୍ଥାନକୁ ମିଶାଇ ୬ଟି ଜାଗାରେ ଇସ୍ରାଏଲ୍ ପକ୍ଷରୁ ଆକାଶମାର୍ଗରୁ ଆକ୍ରମଣ କରାଯାଇଛି । ଇସ୍ରାଏଲ୍ ଗଣମାଧ୍ୟମ କହିଛି ଏହି ଆକ୍ରମଣରେ ବାୟୁସେନାର ୧୨ଟି ଯୁଦ୍ଧ ବିମାନ ଅଂଶଗ୍ରହଣ କରିଥିଲେ ।

ହୁତି ପରିଚାଳିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଏହି ଆକ୍ରମଣରେ ଅତି କମ୍‌ରେ ୨୧ ଜଣ ଆହତ ହୋଇଛନ୍ତି । ଅନ୍ୟ ପକ୍ଷରେ ୟେମେନ୍‌ର ରାଜଧାନୀ ସାନା ଉପରେ ଗତକାଲି ଆମେରିକା ସେନା ଏକାଧିକ ଆକ୍ରମଣ କରିଛି । ହୁତି ଗଣମାଧ୍ୟମ ଆକ୍ରମଣ ବୃଦ୍ଧି ନେଇ ଚେତାବନୀ ଦେବା ସହ ଗାଜାରେ ହେଉଥିବା ଆକ୍ରମଣ ବନ୍ଦ ନ ହେବା ପର୍ଯ୍ୟନ୍ତ ସାମୁଦ୍ରିକ ମାର୍ଗ ଏବଂ ଇସ୍ରାଏଲ୍ ବିରୁଦ୍ଧରେ ପଦକ୍ଷେପ ଜାରି ରହିବ ବୋଲି କହିଛି ।

## ଇଡି-ବ୍ୟାଙ୍କ୍ ଫ୍ରଡ୍

ବ୍ୟାଙ୍କ୍ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କନ୍‌କାଷ୍ଟ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ ଏବଂ ଏହାର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ସୁରେକାଙ୍କ ୨୯୬ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ଜବତ କରିଛି । ଏହି ସମ୍ପତ୍ତି ମଧ୍ୟରୁ ପଶ୍ଚିମବଙ୍ଗ, ଓଡ଼ିଶା ଓ ଝାଡ଼ଖଣ୍ଡର ଭୂ-ସମ୍ପତ୍ତି ରହିଛି । ସେଲ୍ କମ୍ପାନି ଗୁଡ଼ିକ ମାଧ୍ୟମରେ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁରେକା ପ୍ରାୟ

୬ ହଜାର ୨୧୦ କୋଟି ଟଙ୍କାର ବ୍ୟାଙ୍କ୍ ଋଣ ଅର୍ଥକୁ ବେଆଇନ୍ ହସ୍ତାନ୍ତର କରିଥିବାର ଅଭିଯୋଗ ରହିଛି । ତାଙ୍କୁ ଗିରଫ୍ କରାଯିବା ସହ ଏ ନେଇ ଏକ ମାମଲା ରୁଜୁ ହୋଇଛି । ତେବେ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସୂଚନା ଦେଇଛି ।

## ଇଡି-ଡବ୍ଲ୍ୟୁଟିସି

ଡବ୍ଲ୍ୟୁ.ଟି.ସି. ଫରିଦାବାଦ୍ ଏନ୍‌ଫ୍ରାଷ୍ଟ୍ରକଚର୍ ପ୍ରାଇଭେଟ୍ ଲିମିଟେଡ୍ ସମେତ ଅନ୍ୟାନ୍ୟ ସଂଶ୍ଲିଷ୍ଟ ସଂସ୍ଥାର ୨ହଜାର ୩୪୮ କୋଟି ଟଙ୍କାର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜବତ କରିଛି । ନିର୍ଦ୍ଦେଶାଳୟ ଏକ ବିବୃତ୍ତିରେ କହିଛି, ଏହି ସମ୍ପତ୍ତି ମଧ୍ୟରେ ଦିଲ୍ଲୀ-ଏନ୍.ସି.ଆର୍., ଗୁଡ୍‌ଗାଓଁ, ଫରିଦାବାଦ୍, ନଏଡ଼ା ଏବଂ ଗୋଆରେ ଥିବା ଜମି ରହିଛି । ଏହି ଗ୍ରୁପ୍‌ର ମୁଖ୍ୟ ଆଶିଶ ଭାଲ୍ଲା ନିବେଶ ଉପରେ ନିଶ୍ଚିତ ରିଟର୍ଣ୍ଣ ଦେବାର ପ୍ରତିଶ୍ରୁତି ଦେଇ ୧୨ ହଜାରରୁ ଅଧିକ ନିବେଶକଙ୍କୁ ଠକି ଥିବାର ଅଭିଯୋଗ ରହିଛି । ଅନ୍ୟ ପକ୍ଷରେ ଅର୍ଥରାଶି ଫେରସ୍ତ ନ କରି ତାଙ୍କ ପରିବାର ସଦସ୍ୟଙ୍କ ମାଲିକାନାରେ ଥିବା ଅନ୍ୟ ସଂସ୍ଥାକୁ ଏହି ପାଣ୍ଠି ହସ୍ତାନ୍ତର କରିଛନ୍ତି । ସାକ୍ଷିଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ କରିବା ପରେ ଗତ ମାର୍ଚ୍ଚ ୬ ତାରିଖରେ ଶ୍ରୀ ଭାଲ୍ଲାଙ୍କୁ ଗିରଫ୍ କରାଯାଇଥିଲା । ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସୂଚନା ଦେଇଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଗତକାଲିର ମ୍ୟାଚ୍ ଅମିମାଂଶିତ ଭାବେ ଶେଷ ହୋଇଛି । ହାଇଦ୍ରାବାଦ୍‌ର ରାଜୀବ ଗାନ୍ଧି ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍ ବର୍ଷା ଯୋଗୁଁ ଅଧାରୁ ବନ୍ଦ ହୋଇଥିଲା । ଟସ୍ ଜିତି ସନ୍‌ରାଇଜର୍ସ ହାଇଦ୍ରାବାଦ୍ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦିଲ୍ଲୀ କ୍ୟାପିଟାଲ୍ସ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ବିନିମୟରେ ୧୩୩ରନ୍ ସଂଗ୍ରହ କରିଥିଲା । ହାଇଦ୍ରାବାଦ୍‌ର ଅଧିନାୟକ ପ୍ୟାଟ୍ କମିନ୍ସ ତିନୋଟି ୱିକେଟ୍ ଅକ୍ତିଆର କରିଥିଲେ । ତେବେ ବର୍ଷା ଯୋଗୁଁ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌ର ବ୍ୟାଟିଂ ସମ୍ଭବ ହୋଇନଥିଲା । ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ପାଇଛନ୍ତି । ହାଇଦ୍ରାବାଦ୍ ପ୍ଲେଅଫ୍‌ରୁ ବାଦ୍ ପଡ଼ିଥିବା ବେଳେ ଦିଲ୍ଲୀ କ୍ୟାପିଟାଲ୍ସ ପଏଣ୍ଟ ତାଲିକାର ପଞ୍ଚମ ସ୍ଥାନରେ ରହିଛି ।

ଆଜି ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ୍ ଠାରେ ସନ୍ଧ୍ୟା ସାଢ଼େ ୭ଟାରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଗୁଜରାଟ ଟାଇଟନ୍ସ ମଧ୍ୟରେ ମୁକାବିଲା ହେବ ।